# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 19th August - 2026

*********************************

*Desk, Bhadrk/R*

## ବନ୍ୟା - ପାଣିପାଗ

ଝାଡ଼ଖଣ୍ଡ ଓ ତତ୍‌ସଂଲଗ୍ନ ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ସକ୍ରିୟ ଅବପାତ ଝାଡ଼ଖଣ୍ଡ ଓ ବିହାର ମଧ୍ୟଦେଇ ଗତି କରିବା ସହ ଏକ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ଗତ ୨୪ ଘଣ୍ଟାରେ ମୟୂରଭଞ୍ଜ ଜିଲ୍ଲା ବହଳଦାଠାରେ ସର୍ବାଧିକ ୨୭୩ ମିଲିମିଟର ବର୍ଷା ରେକର୍ଡ଼ ହୋଇଥିଲା ।

ଅପରପକ୍ଷରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଉପକୂଳ ଓଡ଼ିଶାରେ ବିଭିନ୍ନ ନଦୀରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି । ଏହାଦ୍ୱାରା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୧ ହଜାର ୩୮୦ରୁ ଉର୍ଦ୍ଧ୍ୱ ଗ୍ରାମର ୯ ଲକ୍ଷ ୪୦ ହଜାର ଲୋକ ପ୍ରଭାବିତ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟାସ୍ଥିତିର ସମୀକ୍ଷା କରି ପ୍ରାରମ୍ଭିକ ଆକଳନ ଅନୁସାରେ ୧ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି । ପ୍ରଭାବିତ ଅଞ୍ଚଳରେ ୩ ଲକ୍ଷ

୭୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଆଜି ଭଦ୍ରକ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖାଯାଇଛି ।

ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ୧୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି ।

***Cuttack/R***

# ବିଚାରପତି ନିଯୁକ୍ତି

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତିପାଇଁ ସୁପ୍ରିମ୍‌କୋର୍ଟ କଲେଜିୟମ୍ ୪ ଜଣ ଆଇନଜୀବୀଙ୍କ ନାମ ସୁପାରିସ କରିଛନ୍ତି । ଆଇନଜୀବୀ ସସ୍ମିତା ତ୍ରିପାଠୀ, ଆଦିତ୍ୟ ନାରାୟଣ ଦାସ, ରଜିତ ରାୟ ଏବଂ ଗୌତମ ମିଶ୍ରଙ୍କୁ ବିଚାରପତି ଭାବେ ନିଯୁକ୍ତି ସମ୍ପର୍କିତ ପ୍ରସ୍ତାବକୁ କଲେଜିୟମ୍‌ର ଗତକାଲି ବୈଠକରେ ଅନୁମୋଦନ ପ୍ରଦାନ କରାଯାଇଛି । କେନ୍ଦ୍ର ସରକାରଙ୍କ ମଞ୍ଜୁରି ମିଳିବା ପରେ ବିଚାରପତି ନିଯୁକ୍ତି ସମ୍ପର୍କିତ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ । ଓଡ଼ିଶା ହାଇକୋର୍ଟର ମଞ୍ଜୁରିପ୍ରାପ୍ତ ବିଚାରପତି ପଦସଂଖ୍ୟା ୩୩ ହେଇଥିବାବେଳେ ବର୍ତ୍ତମାନ ମୁଖ୍ୟ ବିଚାରପତିଙ୍କ ସମେତ ୧୭ ଜଣ ବିଚାରପତି ରହିଛନ୍ତି ।

***Desk***

# ଏନ୍.ଟି.ଏ.

କେନ୍ଦ୍ର ସରକାର ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ.ର ପରୀକ୍ଷା ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ ଘୋଷଣା କରିଛନ୍ତି । ଏହା ଅନୁସାରେ ପ୍ରଶ୍ନପତ୍ର ପ୍ରଘଟ ରୋକିବାପାଇଁ ୪ ସ୍ତରୀୟ ଯାଞ୍ଚ୍ ବ୍ୟବସ୍ଥା ଗ୍ରହଣ କରାଯିବା ସହ ୬ ଶହ ବିଶେଷଜ୍ଞଙ୍କୁ ଅବ୍ୟାହତି ଦିଆଯାଇଛି । ଏନ୍.ଟି.ଏ.ର କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଇ ଏହା ପରିସରରେ ସି.ଆଇ.ଏସ୍.ଏଫ୍. ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି ।

***Desk***

# ଦ୍ୱୈତ ନଗରୀ

ଭୁବନେଶ୍ୱର ଓ କଟକରେ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଦ୍ୱୈତ ନଗରୀର ସୌନ୍ଦର୍ଯ୍ୟକରଣ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଶ୍ରୀ ମାଝୀ ଦୁଇ ସହରର ସଡ଼କ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳକୁ ଅଧିକ ସୁନ୍ଦର ଓ ସୁସଙ୍ଗଠିତ କରି ଗଢ଼ିତୋଳିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହାସହ ନିରବଚ୍ଛିନ୍ନ ଗମନାଗମନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

***BBSR/R***

# ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର ଖାରବେଳ ଭବନଠାରେ ଆଜି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ବିଭାଗଗୁଡ଼ିକର ରାଜସ୍ୱ ସଂଗ୍ରହ ସହ ବଜେଟ୍ ଅର୍ଥ ଖର୍ଚ୍ଚ ଓ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ବିସ୍ତୃତ ଭାବେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***IPR***

# ମୁଖ୍ୟମନ୍ତ୍ରୀ - ଜନ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ଦିନ ଜନ ଅଭିଯୋଗର ଶୁଣାଣି କରିବେ । ଏଥିପାଇଁ ଆଜି ପୂର୍ବାହ୍ନ ୧୧ଟାରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

# ବିଦେଶ ଶିକ୍ଷାବୃତ୍ତି

ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କପାଇଁ ବିଦେଶ ଶିକ୍ଷାବୃତ୍ତି ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନାରେ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯିବ ।

***Desk***

# ଆମ ସାଥୀ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି 'ଆମ ସାଥୀ ହ୍ୱାର୍ଟସ୍‌ଅପ୍ ଚାଟବଟ୍' ମାଧ୍ୟମରେ ରାଜସ୍ୱ ଅଭିଯୋଗ ସମାଧାନ ବ୍ୟବସ୍ଥାର ଶୁଭାରମ୍ଭ କରିବେ । ଭୁବନେଶ୍ୱର ଲୋକସେବା ଭବନରେ ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

***Nayagarh/R***

# ଷ୍ଟାର୍ଟଅପ୍ ବୈଠକ

ନୟାଗଡ଼ ଜିଲ୍ଲାର ଯୁବ ଉଦ୍ୟୋଗୀ ଓ ଷ୍ଟାର୍ଟଅପ୍ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ସହିତ ଜିଲ୍ଲାରେ ସୁଦୃଢ଼ ଉଦ୍ୟୋଗୀ ପରିବେଶ ଗଠନ ଲକ୍ଷ୍ୟ ନେଇ ଜିଲ୍ଲା ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ

ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲେ । ଏଥିରେ ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ରାଜ୍ୟର ଷ୍ଟାର୍ଟଅପ୍ ପରିବେଶ ଏବଂ ଓଡ଼ିଶା ଷ୍ଟାର୍ଟଅପ୍ ନୀତି-୨୦୧୬ ଅଧୀନରେ ବିଭିନ୍ନ ସରକାରୀ ସହାୟତା ସମ୍ପର୍କରେ ଆଲୋଚନା ହୋଇଥିଲା ।

***Desk***

# ବିଶ୍ୱ ଫଟୋଗ୍ରାଫି ଦିବସ

ପୁରୁଣା ସ୍ମୃତିକୁ ସାଇତି ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ ହେଉଛି ଫଟୋ ବା ଛବି। ଜୀବନରେ ଫଟୋର ମହତ୍ତ୍ୱ ଓ ଫଟୋଗ୍ରାଫରଙ୍କ କଳାକୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଘର' ।

୧୮୩୯ ମସିହା ଜାନୁୟାରୀ ୯ ତାରିଖରେ ଫ୍ରାନ୍ସର ଜୋସେଫ ନାଇସ୍‌ଫୋର ଏବଂ ଲୁଇସ୍ ଡାଗୁଏ'ରେ ମିଳିତ ଭାବେ ଏହି ଦିବସକୁ ଆରମ୍ଭ କରିଥିଲେ।

ଆଜି ମଧ୍ୟ ବିଶ୍ୱ ମାନବିକତା ଦିବସ ପାଳନ କରାଯାଉଛି । ମାନବ ସେବାରେ ଜୀବନ ଉତ୍ସର୍ଗ କରିଥିବା ଓ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଓ ସମର୍ଥନ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ ।

*****